ଭାରତରେ ତିଆରି ହେବ ରାଫେଲ୍

ଟାଟା-ଡାସାଲ୍ଟ ବୁଝାମଣା

ନୂଆଦିଲ୍ଲୀ: ଫ୍ରାନ୍ସର ଅଗ୍ରଣୀ ପ୍ରତିରକ୍ଷା କମ୍ପାନୀ ଡାସଲ୍ଟ ଆଭିଏସନ୍ ଏବଂ ଭାରତର ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ (ଟିଏଏସଏଲ୍) ରାଫେଲ୍ ଲଢୁଆ ବିମାନ ନିର୍ମାଣ ପାଇଁ ଚାରୋଟି ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ଅଧୀନରେ, ରାଫେଲ୍ ଜେଟ୍ର ସମ୍ପୂର୍ଣ୍ଣ ଫ୍ୟୁଜଲାଜ୍ (ବିମାନର ମୁଖ୍ୟବଡି) ଏବେ ଭାରତରେ ହିଁ ନିର୍ମିତ ହେବ।

ଏହି ଚୁକ୍ତି ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ମଜବୁତ କରିବା ସହିତ ଭାରତକୁ ବିଶ୍ୱ ମହାକାଶ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ କରିପାରିବ । ଏହି ସହଭାଗିତା ଅଧୀନରେ, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରିବ, ଯେଉଁଠାରେ ରାଫେଲ୍ ବିମାନର ପ୍ରମୁଖ ଅଂଶ - ଯେପରିକି ପଛ ଫ୍ୟୁଜଲାଜର ପାର୍ଶ୍ୱ ସେଲ୍, ସମ୍ପୂର୍ଣ୍ଣ ପଛ ଅଂଶ, କେନ୍ଦ୍ରୀୟ ଫ୍ୟୁଜଲାଜ୍ ଏବଂ ସମ୍ମୁଖ ଅଂଶ - ନିର୍ମିତ ହେବ ।

ଡାସଲ୍ଟ ଆଭିଏସନ୍ ଷ୍ଟକ୍ ଏକ୍ସଚେଞ୍ଜକୁ ଏକ ବିବୃତ୍ତିରେ କହିଛି, ଏହି କାରଖାନା ଭାରତର ମହାକାଶ ଭିତ୍ତିଭୂମିରେ ଏକ ପ୍ରମୁଖ ନିବେଶ ଏବଂ ହାଇ-ପ୍ରେସିସନ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ଏହି ପ୍ଲାଣ୍ଟରେ ଫ୍ୟୁଜଲାଜ ନିର୍ମାଣ ଆର୍ଥିକ ବର୍ଷ ୨୦୨୮ରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି । ପ୍ରାରମ୍ଭରେ, ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ଫ୍ୟୁଜଲାଜ୍ ଆସେମ୍ବଲି ଲାଇନରୁ ଗଡ଼ିପାରିବ । ଏହା ପ୍ରଥମ ଥର ହେବ ଯେ ରାଫେଲର ଗଠନ ଫ୍ରାନ୍ସ ବାହାରେ କୌଣସି ସ୍ଥାନରେ ନିର୍ମାଣ କରାଯିବ।

୧୨ ଦେଶର ନାଗରିକଙ୍କୁ ଆମେରିକା ମନା

ୱାଶିଂଟନ:ଆମେରିକାର ରାଷ୍ଟ୍ରପତି ହେବାର ୬ ମାସ ପରେ ଡୋନାଲ୍ଡ ଟ୍ରମ୍ପ ସବୁଠାରୁ ବଡ଼ ନିଷ୍ପତ୍ତି ନେଇଛନ୍ତି । ୧୨ ଦେଶର ଲୋକଙ୍କୁ ସେ ଚାହୁଁ ନଥିବା କଥା କହି ସେମାନଙ୍କ ଉପରେ ବ୍ୟାନ ଲଗାଇଛନ୍ତି । ୧୨ ଦେଶର ଲୋକଙ୍କ ଯାତ୍ରା ଉପରେ ସଂପୂର୍ଣ୍ଣ ରୋକ ଲାଗିଥିବା ବେଳେ ଆଉ ୭ଟି ଦେଶ ଉପରେ ଆଂଶିକ ରୋକ ଲଗାଇଛି । ଏହାର ଅର୍ଥ ଟ୍ରମ୍ପ ଟ୍ରାଭେଲ ବ୍ୟାନ ଯୋଗୁ ୧୯ଟି ଦେଶ ପ୍ରଭାବିତ ହେବେ । ଆମେରିକାର ଇମିଗ୍ରେସନ ନୀତିକୁ ନୂଆ ରୂପ ଦେବାକୁ ଟ୍ରମ୍ପ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ଜାତୀୟ ସୁରକ୍ଷା ଦୃଷ୍ଟିରୁ ୧୯ଟି ଦେଶ ଉପରେ କଟକଣା ଲାଗୁ କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ଆମେରିକାର କାମ, ପାଠପଢ଼ା, ପର୍ଯ୍ୟଟନ ପାଇଁ ଅପେକ୍ଷା କରିଥିବା ଲକ୍ଷାଧିକ ଲୋକଙ୍କ ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ।

ଟ୍ରମ୍ପଙ୍କ ଟ୍ରାଭେଲ ବ୍ୟାନ ନିଷ୍ପତ୍ତିର କିଛି ଦିନ ପୂର୍ବରୁ ଆମେରିକାର ଜଣେ ଇଜିପ୍ଟ ନାଗରିକ ଇହୁଦୀ ସଂପ୍ରଦାୟର ଲୋକମାନେ କରୁଥିବା ବିକ୍ଷୋଭ ଉପରେ ଆକ୍ରମଣ କରିଥିଲେ । ଏଥିଯୋଗୁ ବିଦେଶୀ ନାଗରିକଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିଲା । ଟ୍ରମ୍ପ କହିଛନ୍ତି, ନିକଟରେ କୋଲୋରାଡୋର ବୋଲ୍ଡର ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଆମ ଦେଶ ପ୍ରତି ବିପଦ ରହିଥିବାର ସଙ୍କେତ ଦେଇଛି । ଏହି ବିପଦ ବିଦେଶୀ ନାଗରିକଙ୍କ ଅନାୟଶ ପ୍ରବେଶ ଯୋଗୁ ସୃଷ୍ଟି ହେଉଛି । ଆମେ ସେମାନଙ୍କୁ ଚାହୁଁ ନାହୁଁ । ନିର୍ଦ୍ଦିଷ୍ଟ ଦେଶର ଲୋକଙ୍କ ଆମେରିକା ପ୍ରବେଶ ଉପରେ ସଂପୂର୍ଣ୍ଣ ରୋକ ଲଗାଇବା କିମ୍ବା ସୀମିତ ଲୋକଙ୍କ ପ୍ରବେଶ ପାଇଁ ଅନୁମତି ଦେବା ହେଉଛି ଏହି ଟ୍ରାଭେଲ ବ୍ୟାନର ମୂଳ ଲକ୍ଷ୍ୟ । ଭିସାକୁ ରଦ୍ଦ କରିବା କିମ୍ବା ଭିସା ଉପରେ କଟକଣା ଲଗାଇବା ନିଷ୍ପତ୍ତି ଆମେରିକା ପ୍ରଶାସନ ନେଇ ପାରିବ । ଟ୍ରମ୍ପ ପ୍ରଶାସନ ଆଫଗାନିସ୍ତାନ, ମିଆଁମାର, ଚାଡ, କଙ୍ଗୋ, ଇକ୍ୟୁଟୋରିଆଲ ଗୁଏନା, ଇରିଟେରିଆ, ହାଇତି, ଇରାନ, ଲିବ୍ୟା, ସୋମାଲିଆ, ସୁଦାନ ଓ ୟେମନର ଲୋକଙ୍କ ଉପରେ ସଂପୂର୍ଣ୍ଣ ରୋକ ଲଗାଇଛି । ସେହିପରି ବୁରୁଣ୍ଡି, କ୍ୟୁବା, ଲାଓସ, ସେଇରା ଲେଓନ, ଟୋଗୋ, ତର୍କମେନିସ୍ତାନ ଓ ଭେଞ୍ଜୁଆଲା ଉପରେ ଆଂଶିକ ରୋକ ଲାଗିଛି । ଏହି ଦେଶଗୁଡ଼ିକରୁ ସୀମିତ ଲୋକ ଆମେରିକାରେ ପ୍ରବେଶ କରିପାରିବେ ।ଟ୍ରମ୍ପ ଟ୍ରାଭେଲ ବ୍ୟାନ ଲଗାଇଥିଲେ ହେଁ ୨୦୨୬ ଫିଫା ବିଶ୍ୱକପ ଓ ୨୦୨୮ ଲସ ଆଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଆଥଲେଟମାନଙ୍କ ଉପରେ ଏହି କଟକଣା ଲାଗୁ ହେବ ନାହିଁ ।

ବିଏସ୍‌ଏଫ୍ ଯବାନଙ୍କୁ ଅପହରଣ

କୋଲକାତା : ବାଂଲାଦେଶରେ ୟୁନୁସଙ୍କ କାମଚଳା ସରକାର ଆସିବା ପରେ ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ବିଗିଡ଼ିବାରେ ଲାଗିଛି । ନିଜେ ୟୁନୁସ ବାରମ୍ବାର ଭାରତକୁ ଉସୁକାଇବା ଭଳି ବୟାନ ଦେଉଛନ୍ତି । ଏବେ ଏପରି ଏକ ଘଟଣା ଘଟିଛି ଯାହା ସ୍ଥିତିକୁ ଆହୁରି ଜଟିଳ କରିଛି । ବାଂଲାଦେଶର ସୀମାନ୍ତବର୍ତ୍ତୀ ଗାଁରେ କେତେକ ଲୋକ ଭାରତର ଜଣେ ବିଏସଏଫ ଯବାନଙ୍କୁ ଅପହରଣ କରିନେଇ ନିର୍ଯାତନା ଦେଇଛନ୍ତି । ସେ ହେଉଛନ୍ତି ୭୧ ବାଟାଲିୟନର ଶ୍ରୀ ଗଣେଶ । ପରେ ବିଏସଏଫ ଓ ବାଂଲାଦେଶର ସୀମା ସୁରକ୍ଷା ବାହିନୀ ବିଜିବି ମଧ୍ୟରେ ଫ୍ଲାଗ ମିଟିଂ ହୋଇ ଯବାନଙ୍କୁ ଫେରାଇ ଅଣାଯାଇଛି ।

ବିଏସଏଫ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବାଂଲାଦେଶର ଚେନପାଇ-ନୱାବଗଞ୍ଜ ଜିଲ୍ଲାର ସତ୍ରସିଆ ଗାଁର ଲୋକମାନେ ଏହି ଅପହରଣ କରିଥିଲେ । କେତେକ ସୂଚନା ଅନୁସାରେ ସେମାନେ ଯବାନଙ୍କୁ ଏକ କଦଳୀ ଗଛରେ ବାନ୍ଧି ନିର୍ଯାତନା ଦେଇଥିଲେ । ତେବେ ନିର୍ଯାତନା ଖବରକୁ ବିଏସଏଫ ଅସ୍ୱୀକାର କରିଛି । ଜଣେ ବିଏସଏଫ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅପହରଣ କରିଥିବା ଲୋକମାନେ ଚୋରାଚାଲାଣକାରୀ ଓ ଅପରାଧୀ ଶ୍ରେଣୀର ବୋଲି ଜଣାପଡ଼ିଛି । ସେମାନଙ୍କୁ ଗାଁ ବାଲା ଭାବି ବିଏସଏଫ ଯବାନ ଜଣକ ସେମାନଙ୍କ ନିକଟକୁ ଆସି କଥାବାର୍ତ୍ତା କରୁଥିଲେ, କିନ୍ତୁ ଏହାର ସୁଯୋଗ ନେଇ ସେମାନେ ତାଙ୍କୁ ଅପହରଣ କରିଥିଲେ ।

ଗାଜାରୁ ୨ ବନ୍ଧକଙ୍କ ଶବ ଜବତ କଲା ଇସ୍ରାଏଲ

ତେଲଆଭିଭ: ଇସ୍ରାଏଲ ୭ ଅକ୍ଟୋବର, ୨୦୨୩ରେ ହମାସ ଆକ୍ରମଣ ସମୟରେ ବନ୍ଧକ ରଖାଯାଇଥିବା ଦୁଇ ଇସ୍ରାଏଲୀ-ଆମେରିକୀୟଙ୍କ ମୃତଦେହ ଉଦ୍ଧାର କରିଛି । ଗୁରୁବାର ଇସ୍ରାଏଲୀ ଅଧିକାରୀମାନେ ଏ ବିଷୟରେ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ବିବୃତ୍ତିରେ କହିଛନ୍ତି ଯେ ସେନା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସଂସ୍ଥା 'ସିନ୍ ବେଟ୍' ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଜୁଡିହ ୱେନଷ୍ଟାଇନ୍ ଏବଂ ଗାଡ୍ ହାଗାଇଙ୍କ ମୃତଦେହ ଉଦ୍ଧାର କରାଯାଇ ଇସ୍ରାଏଲକୁ ଅଣାଯାଇଛି ।

ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲର ସମସ୍ତ ନାଗରିକଙ୍କ ପକ୍ଷରୁ, ମୁଁ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା ପ୍ରକାଶ କରୁଛି । ସେମାନଙ୍କ ଆତ୍ମାକୁ ଶାନ୍ତି ମିଳୁ । ଇସ୍ରାଏଲୀ ସେନା କହିଛି ଯେ ଉଭୟ ଅକ୍ଟୋବର ୭ ରେ ଏକ ଆକ୍ରମଣରେ ନିହତ ହୋଇଥିଲେ ଏବଂ ସେମାନଙ୍କ ମୃତଦେହ ସମ୍ପ୍ରତି ଦକ୍ଷିଣ ଗାଜାର ଖାନ ୟୁନୁସ୍ ସହରରୁ ଉଦ୍ଧାର କରାଯାଇଥିଲା ।

ଅନ୍ୟପକ୍ଷରେ ନାସେର ହସ୍ପିଟାଲ ଅନୁଯାୟୀ, ଖାନ ୟୁନିସରେ ରାତିସାରା ଇସ୍ରାଏଲୀୟ ଆକ୍ରମଣରେ ଅତି କମରେ ୧୦ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗାଜା ସହରର ଅଲ-ଆହଲି ହସ୍ପିଟାଲ କମ୍ପ୍ଲେକ୍ସରେ ହୋଇଥିବା ଆକ୍ରମଣରେ ତିନି ଜଣ ସ୍ଥାନୀୟ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି ଏବଂ ଛଅ ଜଣ ଆହତ ହୋଇଛନ୍ତି ।

ଗରିବଙ୍କ ପ୍ରତି ସରକାର ସହାନୁଭୂତିଶୀଳ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଲାଗି ଅଭିପ୍ରେତ ମୋଦୀ ନେତୃତ୍ୱାଧୀନ ଏନଡିଏ ସରକାରର ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶ ଏକ ରୂପାନ୍ତରିତ ଓ ସମଷ୍ଟିଗତ ସରକାରର ଶାସନରେ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସଶକ୍ତିକରଣ, ଭିତ୍ତିଭୂମିର ବିକାଶ, ସମଷ୍ଟିଗତ ଭାବଧାରାରେ ବିଶ୍ୱାସ ରଖୁଥିବା ମୋଦୀ ନେତୃତ୍ୱାଧୀନ ସହାନୁଭୂତିଶୀଳ ସରକାର ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ଉଦ୍ଧାର କରିପାରିଛି । ସରକାରଙ୍କ ବିଭିନ୍ନ ରୂପାନ୍ତରିତ ଯୋଜନା ଭିତରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଆୟୁଷ୍ମାନ ଭାରତ ପରି ଅନେକ ଯୋଜନା ଗୃହ ନିର୍ମାଣ, ସ୍ୱଚ୍ଛ ରୋଷେଇ ଇନ୍ଧନ, ବ୍ୟାଙ୍କିଙ୍ଗ, ସ୍ୱାସ୍ଥ୍ୟସେବା ପରି କ୍ଷେତ୍ରରେ ପ୍ରଭାବ ବିସ୍ତାର କରିପାରିଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଡାଇରେକ୍ଟ ବେନେଫିଟ ଟ୍ରାନ୍ସଫର ବା ଡିବିଟି ଡିଜିଟାଲକରଣ, ଗ୍ରାମୀଣ ବିକାଶ ପରି କ୍ଷେତ୍ରରେ ଲୋକେ ଅଧିକରୁ ଅଧିକ ସୁବିଧା ସୁଯୋଗ ପାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ । ଏକ୍ସରେ ଟୁଇଟ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସରକାର ହେଉଛି ଗରିବ କଲ୍ୟାଣ ଲାଗି ଅଭିପ୍ରେତ ସରକାର । ଦାରିଦ୍ର୍ୟତା କବଳରୁ ଏନଡିଏ ସରକାର ଅନେକ ଲୋକଙ୍କୁ ମୁକ୍ତ କରି ସଶକ୍ତିକରଣ, ସମଷ୍ଟିଗତ ଭାବ ଓ ଭିତ୍ତିଭୂମିର ବିକାଶ କରି ଆଶାପ୍ରଦ ଫଳ ପ୍ରଦାନ କରିଛି । ସାଧାରଣ ଜନତାକୁ ଗରିବୀରୁ ମୁକୁଳାଇବା ଲାଗି ଆମ ସରକାରଙ୍କର ବିଭିନ୍ନ ପ୍ରମୁଖ ଯୋଜନାମାନ ରହିଛି ।

ଦୋଷ ଖସାଇଲେ କର୍ଣ୍ଣାଟକ ସରକାର

ବେଙ୍ଗାଲୁରୁ : କର୍ଣ୍ଣାଟକର ଗୃହମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି ଯେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସସିଏ) ଏହି କାର୍ଯ୍ୟକ୍ରମ ଚାହୁଁଥିଲେ, ସରକାର କେବଳ ସମର୍ଥନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପୂର୍ବରୁ କହିଛନ୍ତି ଯେ ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ହେବ । ଆରସିବି ଏବଂ କ୍ରିକେଟ୍ ସଂଘ (କେଏସସିଏ) ଏହି ସମାରୋହ ଚାହୁଁଥିଲେ ଏବଂ ଆମେ କହିଥିଲୁ ଯେ ଆମେ କେବଳ ସମର୍ଥନ କରିବୁ, ବୋଲି ପରମେଶ୍ୱର ଗଣମାଧ୍ୟମକୁ କହିଛନ୍ତି ।

ଉଲ୍ଲେଖଯୋଗ୍ୟ, ଆହତଙ୍କ ଅବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛ । ଷ୍ଟାଡିୟମ ବାହାରେ ଏଭଳି ଅଘଟଣ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପୁଲିସ ବାହିନୀର ବ୍ୟାପକ ପ୍ରୟାସ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ଗୋଟିଏ ପଟେ ଷ୍ଟାଡିୟମ ବାହାରେ ଏଭଳି ଦୁଃଖଦ ଘଟଣାରେ ୧୧ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟପଟେ ଷ୍ଟାଡିୟମ ଭିତରେ ଉତ୍ସବ ଚାଲିଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ବିଭିନ୍ନ ମହଲ କଂଗ୍ରେସ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ।

ମହୁଆଙ୍କୁ ବାହା ହେଲେ ପିନାକୀ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସିରୁ ଦୁଇ ଥର ସାଂସଦ ହୋଇଥିବା ମହୁଆ ମୋଇତ୍ର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ବେଶ ଗୁପ୍ତ ଭାବେ ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ବିବାହ କରିଛନ୍ତ । ଜର୍ମାନୀରେ ଉଭୟ ପରସ୍ପରର ହାତ ଧରିଛନ୍ତି । ପିନାକୀ ବିଜେଡି ଟିକେଟରୁ ଓଡ଼ିଶାର ପୁରୀରୁ କ୍ରମାଗତ ୩ ଥର ବିଜୟୀ ହୋଇଥିଲେ । ୬୫ ବର୍ଷୀୟ ପିନାକୀ ମିଶ୍ରଙ୍କ ଏହା ଦ୍ୱିତୀୟ ବିବାହ । ପୂର୍ବରୁ ସେ ସଂଗୀତା ମିଶ୍ରଙ୍କୁ ବିବାହ କରିଥିଲେ । ତାଙ୍କର ଜଣେ ପୁଅ ଓ ଝିଅ ମଧ୍ୟ ରହିଛନ୍ତି । ଏବେ ସେ ଜର୍ମାନୀରେ ବେଶ ଗୁପ୍ତ ଭାବେ ୫୦ ବର୍ଷୀୟ ମହୁଆଙ୍କୁ ବିବାହ କରିଛନ୍ତି ।

ମହୁଆ ମଧ୍ୟ ପୂର୍ବରୁ ବିବାହ କରିଥିଲେ । ପ୍ରଥମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ପରେ ଜଣେ ଓକିଲଙ୍କ ସହ ମହୁଆଙ୍କ ୩ ବର୍ଷର ପ୍ରେମ ସମ୍ପର୍କ ଥିଲା । ତାଙ୍କ ଠାରୁ ବେଶ କିଛି ବର୍ଷ ହେଲା ମହୁଆ ଅଲଗା ହୋଇ ଯାଇଥିଲେ । ସାମ୍ନାକୁ ଆସିଥିବା ଫଟୋରେ ପିନାକୀ ଓ ମହୁଆ ପରସ୍ପରର ହାତ ଧରିଛନ୍ତି । ନବବିବାହିତଙ୍କ ଭଳି ମହୁଆ ସୁନା ମଧ୍ୟ ପିନ୍ଧିଛନ୍ତି ।ଏହାର ଫଟୋ ସାମ୍ନାକୁ ଆସିବା ପରେ ଉଭୟ ମେ' ୩ରେ ବିବାହ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ମହୁଆ ୨୦୧୯ ଓ ୨୦୨୪ ଲୋକସଭା ନିର୍ବାଚନ ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଆସନରୁ ଜିତିଛନ୍ତି ।

୧୯୭୪ ମସିହା ଅକ୍ଟୋବର ୧୨ରେ ଆସାମରେ ଜନ୍ମ ଗ୍ରହଣ କରିଥିବା ମହୁଆ ତାଙ୍କ କ୍ୟାରିୟର ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ ଆରମ୍ଭ କରିଥିଲେ । ୨୦୧୦ରେ ସେ ମମତା ବାନାର୍ଜୀଙ୍କ ଟିଏମସିରେ ଯୋଗ ଦେଇ ରାଜନୀତିକ ମୈଦାନରେ ପାଦ ଦେଇଥିଲେ । ୨୦୧୯ରେ ସେ ପ୍ରଥମଥର ଲୋକସଭା ନିର୍ବାଚନ ଜିତିବା ପରେ ନିଜର ବେଧଡ଼କ ଭାଷଣ ଜରିଆରେ ଜାତୀୟ ସ୍ତରରେ ବେଶ ଚର୍ଚ୍ଚିତ ହୋଇପାରିଥିଲେ ।

ବ୍ରାସିଲିଆଠାରେ ଅନୁଷ୍ଠିତ ଏକ ବୈଠକରେ ବ୍ରାଜିଲର ଚ୍ୟାମ୍ବର ଅଫ୍ ଡେପୁଟିକ୍ସର ଅଧ୍ୟକ୍ଷ ହୁଗୋ ମୋଟାଙ୍କ ସହ ଲୋକସଭା ବାଚସ୍ପତି ଓମ୍ ବିର୍ଲା।

ତତ୍କାଳ ଟିକେଟ୍ ବୁକିଂ: ଇ-ଆଧାର ବାଧ୍ୟତାମୂଳକ

ନୂଆଦିଲ୍ଲୀ: ଭାରତୀୟ ରେଳବାଇ ତତ୍କାଳ ଟିକେଟ୍ ବୁକିଂ ପାଇଁ ଇ-ଆଧାରକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନେଇଛି । ଏହି ନୂଆ ନିୟମ ଅନୁଯାୟୀ, ଯାତ୍ରୀମାନଙ୍କୁ ତତ୍କାଳ ଟିକେଟ୍ ବୁକ୍ କରିବା ପାଇଁ ଇ-ଆଧାର ବ୍ୟବହାର କରିବାକୁ ପଡ଼ିବ, ଯାହା ଡିଜିଟାଲ୍ ରୂପରେ ଆଧାର କାର୍ଡର ସତ୍ୟତା ଯାଞ୍ଚ କରିବ । ଏହାଦ୍ୱାରା ଟିକେଟ୍ ବୁକିଂ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ ଓ ସୁରକ୍ଷିତ କରାଯିବ ବୋଲି କହିଛି ରେଳ ବିଭାଗ । ଏହି ନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତତ୍କାଳ ଟିକେଟ୍ ବୁକିଂରେ କଳାବଜାରୀ ଓ ଦଲାଲଙ୍କ ଦ୍ୱାରା ହେଉଥିବା ଅନିୟମିତତାକୁ ରୋକିବା । ଇ-ଆଧାର ସଂଯୋଗ ମାଧ୍ୟମରେ ଯାତ୍ରୀଙ୍କ ପରିଚୟ ସହଜରେ ଯାଞ୍ଚ କରାଯାଇପାରିବ, ଫଳରେ ପ୍ରକୃତ ଯାତ୍ରୀ ସହଜରେ ଟିକେଟ୍ ପାଇପାରିବେ । ରେଳ ବିଭାଗ ଜଣାଇଛି, ଯେ ଏହି ନିୟମ ଶୀଘ୍ର ଲାଗୁ ହେବ, ତେବେ ଏହାର ସଠିକ୍ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ଯେଉଁମାନଙ୍କର ଆଧାର କାର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ପରିଚୟ ପତ୍ର ବ୍ୟବହାରର ସୁବିଧା ମଧ୍ୟ ରହିବ ।

ଆଇଆରସିଟିସି ଅନୁଯାୟୀ, ଆଧାର ଯାଞ୍ଚର ପ୍ରଥମ ସୁବିଧା ହେଉଛି, ଆଧାର ବ୍ୟବହାରକାରୀମାନେ ତତ୍କାଳ ଟିକେଟ୍ ବୁକ୍ କରିବା ସମୟରେ ୧୦-ମିନିଟ୍ ପ୍ରାଥମିକତା ସମୟ ପାଇବେ, ଯାହା ଅନ୍ୟ ସମସ୍ତ ବ୍ୟବହାରକାରୀଙ୍କ ପୂର୍ବରୁ ହେବ । ଏହି ସମୟ ମଧ୍ୟରେ କୌଣସି ଏଜେଣ୍ଟଙ୍କୁ ଟିକେଟ୍ ବୁକ୍ କରିବାକୁ ଅନୁମତି ଦିଆଯିବ ନାହିଁ । ଅଣ-ଆଧାର ଆକାଉଣ୍ଟଗୁଡ଼ିକ ବୁକିଂ ପୂର୍ବରୁ ସ୍ୱତନ୍ତ୍ର ଯାଞ୍ଚ ମାଧ୍ୟମରେ ଯିବ ଏବଂ ସନ୍ଦେହଜନକ ଆକାଉଣ୍ଟଗୁଡ଼ିକ ବନ୍ଦ ହୋଇଯିବ ।

ଭୟଙ୍କର ମୃତ୍ୟୁ ତାଣ୍ଡବର କଥା ବଖାଣୁଛି ମାଳମାଳ ଜୋତା

ବେଙ୍ଗାଲୁରୁ: ଚିନ୍ନାସ୍ୱାମୀ ଷ୍ଟାଡିୟମର ଚାରିପାଖରେ ଖାଲି ଜୋତା ଆଉ ଜୋତ । ସହର ଛାତିରେ ବିଛେଇ ହୋଇପଡ଼ିଥିବା ଗୋଟି ଗୋଟି ଜୋତା ଦଳାଚକଟାର ସାକ୍ଷୀ, ଏ ଜୋତାମାନେ ହିଁ ଜାଣିଛନ୍ତି କେମିତି ଜୀବନ ନେବାକୁ ତାଣ୍ଡବ ରଚୁଥିଲା ମୃତ୍ୟୁ । ଷ୍ଟାଡିୟମର ଚାରିପାଖରେ ଖାଲି ଜୋତା ପଡିନଥିଲା ବରଂ ପଡିଥିଲା ପୁଳାପୁଳା ଘଣ୍ଟା । କାହା ହାତରୁ ଛିଡ଼ି ପଡିଥିବା ଘଣ୍ଟା ବି ସେଠି ଟିକଟିକ୍ ଶବ୍ଦ କରି ତା ଆୟୁଷ ସରିବାକୁ ଅପେକ୍ଷା କରିଥିଲା । କାହା କାନରୁ ଖସି ପଡିଥିଲା ଇୟରପଡ୍ସ, ସେଲ୍ଫି ନେଲା ବେଳେ ହାତରୁ ଖସିପଡୁଥିବା ଗୋଟେ ପରେ ଗୋଟେ ମୋବାଇଲ କାହା ଗୋଡ ତଳେ ଚୁନା ହୋଇଯାଉଥିଲା । ପିଚୁ ରାସ୍ତାର ଛାତିରେ କେବଳ ଜୋତା ଜୁଆର ଦେଖିବାକୁ ମିଳିନଥିଲା ବରଂ ମାଳମାଳ ମୋବାଇଲ ଫୋନ, ଭ୍ୟାନିଟି, ପର୍ସ ବି ପଡିଥିଲା । ଯାହା ସବୁ ଦଳାଚକଟାର ନିର୍ଜୀବ ସାକ୍ଷୀ ସାଜିଥିଲେ ।

ଆରସିବିର ବିଜୟ ଶୋଭାଯାତ୍ରା ବେଳେ ଖେଳାଳିଙ୍କ ଟିକେ ଝଲକ ପାଇଁ ଏତେ ଭିଡ ଜମିଥିଲା ଯେ ଲୋକେ ଷ୍ଟାଡିୟମ ବାହାରେ ଥିବା ବଡ ବଡ ଗଛ ଉପରେ ଚଢିଯାଇଥିଲେ । କିଏ ଲୁହା ଖୁଣ୍ଟକୁ ଚଢିଥିଲା ତ କିଏ ପାଚେରୀ ଉପରେ ଚଢିଥିଲା । ଷ୍ଟାଡିୟମ ଏବଂ ଷ୍ଟାଡିୟମ ବାହାରେ କ୍ଷମତାଠାରୁ ଅଧିକ ଲୋକେ ଜମା ହୋଇଥିଲେ । କୁହାଯାଉଛି ୨ରୁ ୩ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା । ଯାହା ନିୟନ୍ତ୍ରଣ ବାହାରେ ଥିବାରୁ ଏଭଳି ଦଳାଚକଟା ପରିସ୍ଥିତି ସୃଷ୍ଟି କଲା ।

ବିନା ବ୍ୟବଚ୍ଛେଦରେ ପୁଅକୁ ଦିଅ

ବେଙ୍ଗାଲୁରୁ: ଗତକାଲି ବେଙ୍ଗାଲୁରୁରେ ଦଳାଚକଟାରେ ନିଜ ପୁଅକୁ ହରାଇଥିବା ଜଣେ ବାପାର ଆକୁଳ ନିବେଦନ ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି । ବ୍ୟକ୍ତି ଜଣକ ଶବ ବ୍ୟବଚ୍ଛେଦ ବିନା ତାଙ୍କ ପୁଅର ମୃତଦେହ ଫେରାଇ ଦେବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ଅନ୍ତତଃ ତା'ର ମୃତଦେହ ମୋତେ ଦିଅ । ବ୍ୟବଚ୍ଛେଦ କରନାହିଁ ।ତାଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରନାହିଁ ବୋଲି ମର୍ମାହତ ବାପା ଜଣକ ଅନୁରୋଧ କରିଛନ୍ତି ।

ବାପା ଜଣକ କହନ୍ତି, ମୋର କେବଳ ଗୋଟିଏ ପୁଅ ଥିଲା, ଏବେ ମୁଁ ତାକୁ ହରାଇଛି । ସେ ମୋତେ ନ ଜଣାଇ ଏଠାକୁ ଆସିଥିଲା । ଏବେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମୋତେ ଭେଟିପାରନ୍ତି । କିନ୍ତୁ କେହି ତାଙ୍କୁ ଫେରାଇ ଆଣିପାରିବେ ନାହିଁ । ଗତକାଲି ସନ୍ଧ୍ୟାରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହୋଇଥିବା ଆରସିବିର ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ୧୧ ଜଣ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ତାଙ୍କ ପୁଅ ମଧ୍ୟ ସାମିଲ ଥିଲା । ସକାଳ ସୁଦ୍ଧା ସମସ୍ତ ଶବ ବ୍ୟବଚ୍ଛେଦ ସରିଥିଲା, ଏବଂ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା ।